# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 03**
**CHAPTER NAME : ଚାଲ ଘର କରିବା**
**SUBTOPIC : ଅଭ୍ୟାସ ୧,୩ ଓ ୪**

# ଚାଲ, ଘର କରିବା

ODM EDUCATIONAL GROUP

ବିପ୍ଲବ ଓ ପ୍ରହ୍ଲାଦ ଦୁଇ ସାଙ୍ଗ । ବିପ୍ଲବର ବଗିଚାରେ ଦୁହେଁ ବୁଲୁଥିଲେ । କିଛି ଲୋକ ଗୋଟିଏ ବଡ଼ ଗଛ ତଳେ ଠିଆ ହୋଇଥିବାର ସେମାନେ ଦେଖିଲେ । ସେମାନେ ସେ ଗଛରେ ଥିବା ପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ ।



ବିପ୍ଲବ କହିଲା, "ସେଠାରେ ଭିଡ଼ କାହିଁକି ହୋଇଛି ?" ପ୍ରହ୍ଲାଦ କହିଲା, "ଚାଲ, ସେଠାକୁ ଯାଇ ଦେଖିବା ।" ଦୁହେଁ ସେଠାକୁ ଗଲେ । ଲୁଚିକରି ସେମାନଙ୍କ କଥା ଶୁଣିଲେ । କଥା ଶୁଣି ଦୁହେଁ ଡରିଗଲେ ।

ଆରେ, ଏମାନେ ତ ଆମ ଗଛକୁ କାଟିଦେବେ । ବରଷା ଦିନ ଆସୁଛି । ପକ୍ଷୀମାନେ କରିବେ କ'ଣ ? ଘର ଭାଙ୍ଗିଯିବ । ବିଚରାମାନେ ରହିବେ କେଉଁଠି ? ଶୋଇବେ କେଉଁଠି ? ଛୁଆ ପାଳିବେ କେମିତି ?



ଏ ସବୁ ଶୁଣି ପ୍ରହ୍ଲାଦ କହିଲା, "ମୁଁ ବନବିଭାଗ ଅଫିସ୍‌କୁ ଯାଉଛି । ସେଠି ଖବର ଦେବି । ମୁଁ ଆସିବାଯାଏଁ ତୁ ଏମାନଙ୍କୁ ଅଟକାଇ ରଖିବୁ । ଗଛ କାଟିବାକୁ ଦେବୁନାହିଁ ।" ବିପ୍ଳବର ଅକଲ୍‌ଗୁଡୁମ୍ ହୋଇଗଲା । କରିବ କ'ଣ ? ହଠାତ୍ ତା'ର ମାଙ୍କଡ଼ର କଥା ମନେ ପଡ଼ିଲା । ମାଙ୍କଡ଼ ପାଖକୁଯାଇ ସବୁକଥା କହିଲା ।

ଦୁହେଁ ସେଠାକୁ ଗଲେ । ଲୋକମାନେ ଗଛ କାଟିବାକୁ ସଜ ହେଉଥିଲେ । ମାଙ୍କଡ଼ ବିପ୍ଳବକୁ ତଳେ ଛିଡ଼ାହେବାପାଇଁ କହିଲା । ସେ ଗଛ ଉହାଡ଼ରୁ ସେମାନଙ୍କ ଉପରକୁ ପଥର ଫୋପାଡ଼ିଲା ।



ଏପଟେ ପ୍ରହ୍ଲାଦ ବନବିଭାଗ ଅଫିସ୍‌ରେ ପହଞ୍ଚିଲା । ସବୁକଥା କହିଲା । ସଭିଏଁ ସଙ୍ଗେସଙ୍ଗେ ଆସିଲେ । ପଥରମାଡ଼ ଖାଇ କେତେଜଣ ଘାଇଲା ହୋଇଯାଇଥିଲେ । ବନବିଭାଗର ଲୋକମାନଙ୍କୁ ଦେଖି ସେମାନେ ଦୌଡ଼ି ପଳାଇଲେ । ଆଉ କେତେଜଣ ଧରାପଡ଼ିଲେ । ପ୍ରହ୍ଲାଦ, ବିପ୍ଳବ ଓ ମାଙ୍କଡ଼ର କାମ ଯୋଗୁଁ ଗଛର କିଛି କ୍ଷତି ହେଲାନାହିଁ ।





## ଅଭ୍ୟାସ ୧ -ଗପରୁ କୁହ ।

(କ) ପ୍ରହ୍ଲାଦ ଗଛକୁ ବଞ୍ଚାଇବା କଣ ଉପାୟ କଲା ?

(ଖ) ମାଙ୍କଡର ପଥର ମାଡରେ ପକ୍ଷୀ ମାନଙ୍କର କଣ ଲାଭ ହେଲା ?

(ଗ)ବିପ୍ଳବ କାହିଁକି ମାଙ୍କଡ ପାଖକୁ ଯାଇଥିଲା ?

## ଅଭ୍ୟାସ -୩- ଚିତ୍ର ଦେଖ ଓ ତଳେ ନାମ ଲେଖ ।




ବ୍ଲେଡ




ସ୍ଲେଟ

ODM EDUCATIONAL GROUP

# ଅଭ୍ୟାସ ୩- ଚିତ୍ର ଦେଖ ଓ ତଳେ ନାମ ଲେଖ ।



ମଲ୍ଲୀ



ଲାଲକିଲ୍ଲା

# <u>ଅଭ୍ୟାସ-୪</u>

## <u>ଗାର ଦେଇ ଶବ୍ଦ ଗଢ ଓ ବାକ୍ଯ ଭିତରେ ଶବ୍ଦଗୁଡିକ ଲେଖ</u>

| **କସ୍ତମ୍ଭ** | **ଖସ୍ତମ୍ଭ** | **ଗସ୍ତମ୍ଭ** |
|---|---|---|
| ମ | ଶ | ସ |
| କ୍ଲେ | କ | ବୀ |
| ଉ | ଲ୍ଲା | ଦ |
| ପ | ଲ୍ଲ | |
| ଅ | ଲ୍ଲୀ | |
| ଶ୍ଲୋ | ଦ୍ଲା | |
| ଗେ | ମ୍ଲ | |
| ପ୍ର | ଦ୍ଲା | |

# ଅଭ୍ୟାସ-୪

## ଗାର ଦେଇ ଶବ୍ଦ ଗଢ ଓ ବାକ୍ସ ଭିତରେ ଶବ୍ଦଗୁଡିକ ଲେଖ

| କସ୍ତମ୍ଭ | ଖସ୍ତମ୍ଭ | ଗସ୍ତମ୍ଭ |
|---|---|---|
| • ମ | ଶ | ସ |
| • କ୍ଲେ | କ | ବୀ |
| • ଉ | ଲ୍ଲା | ଦ |
| • ପ | ଲ୍ଲ | |
| • ଅ | ଲ୍ଲୀ | |
| • ଶ୍ଲୋ | ହ୍ଲା | |
| • ଗେ | ମ୍ଲ | |
| • ପ୍ର | ହ୍ଲା | |

ମଲ୍ଲୀ ,କ୍ଲେଶ ,
ପଲ୍ଲବୀ , ଉଲ୍ଲାସ
ଅମ୍ଲ , ଶ୍ଲୋକ , ଗେହ୍ଲା
, ପ୍ରହ୍ଲାଦ

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଅଭ୍ୟାସ -୪ ଓ ୭ କୁ ଖାତାରେ କର



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tomorrow

**THANKING YOU**

**ODM EDUCATIONAL GROUP**